# ଭୁବନେଶ୍ୱର ଆଇଆଇଟି ଛାତ୍ରଙ୍କ କମାଲ

## 'ହାକାଥନ୍-୨୦୧୯'ରେ ଦୁଇ ପୁରସ୍କାର - ନୂଆ ଉଦ୍ଭାବନକୁ ସ୍ୱୀକୃତି



ଭୁବନେଶ୍ୱର,୫।୩(ବ୍ୟୁରୋ): ରେଲୱେ ଷ୍ଟେସନ୍ ଓ ହସ୍ପିଟାଲ ଇନ୍କ୍ୱାରୀ କାଉଣ୍ଟରରେ ଲମ୍ବା ଲାଇନ୍ ଲାଗୁଛି। ଯେଉଁଥିପାଇଁ ଲୋକେ ରେଳ ଚଳାଚଳ ସମ୍ପର୍କୀତ ଘୋଷଣା ଶୁଣିପାରୁନାହାନ୍ତି। ଏ ସମସ୍ୟାର ସମାଧାନର ବାଟ କାଢିଛନ୍ତି ଭୁବନେଶ୍ୱର ଆଇଆଇଟିର ଚାମ୍ପିଅନ୍ ସାମ୍ ଟିମ୍। ନ୍ୟାଚୁରାଲ ଲାଙ୍ଗୁଏଜ ପ୍ରୋସେସିଂ ଓ ଆଟିସି ବ୍ୟବହାର କରିବା ପରେ ଲୋକେ କିଭଳି ଗହଳିରେ ଠିକ୍ ଭାବେ ନିଜ ପ୍ରଶ୍ନର ଉତ୍ତର ପାଇପାରିବେ,ଏହାର ଉଦ୍ଭାବନ କରିଛନ୍ତି। ଯାହାକୁ 'ହାକାଥନ୍ ୨୦୧୯'ରେ ମିଳିଛି ସ୍ୱୀକୃତି। ଆଇଆଇଟି ଭୁବନେଶ୍ୱର ଛାତ୍ରଛାତ୍ରୀଙ୍କ ଏହି ଉଦ୍ଭାବନକୁ ପ୍ରଥମ ପୁରସ୍କାର ମିଳିଛି।

ଚଳିତ ବର୍ଷ ହୋଇଥିବା ହାକାଥନ୍‌ର ପ୍ରଥମ ପର୍ଯ୍ୟାୟରେ ଆଇଆଇଟିର ମୋଟ୍ ୨୨ଟି ଟିମ୍ ସାମିଲ ହୋଇଥିବା ବେଳେ ଫାଇନାଲ ରାଉଣ୍ଡକୁ ଯାଇଥିଲେ ୪ଟି ଟିମ୍। ଯେଉଁଥିରୁ ଦୁଇଟି ଟିମ୍‌କୁ ପ୍ରଥମ ଓ ତୃତୀୟ ପୁରସ୍କାର ମିଳିଛି।

ଟିମ୍ ପ୍ରଜ୍ଜ୍ୱଳର ନୂଆ ଉଦ୍ଭାବନ ବି ସମସ୍ତଙ୍କୁ ଆକୃଷ୍ଟ କରିଛି। ତୃତୀୟ ପୁରସ୍କାର ପାଇଥିବା ଟିମ୍ (ଏଲପିଜି) ଗ୍ୟାସ ବ୍ୟବହାରକାରୀଙ୍କ ପାଇଁ ନୂଆ ଆଶା ଦେଖାଇଛି। ଗ୍ୟାସ୍ ସିଲିଣ୍ଡରରେ ଏକ ସେନ୍‌ସର ଲାଗିଛି। ଏହି ସେନ୍‌ସର ଦ୍ୱାରା ଗ୍ୟାସ ଭର୍ତ୍ତି କରୁଥିବା ଲୋକ ଅନ୍‌ଲାଇନରେ ଏହାର ଷ୍ଟାଟସ ଜାଣିପାରିବେ। ଏହା ହୋଇପାରିଲେ, ଗ୍ୟାସ୍ ଭର୍ତ୍ତି କରିବାରେ ଲୋକଙ୍କୁ ସୁବିଧା ମିଳିବ।

ପ୍ରଥମ ପୁରସ୍କାର ପାଇଥିବା ଚାମ୍ପିଅନ୍ ସାମ୍ ଟିମ୍‌ରେ ଅମନ ପ୍ରତାପ ସିଂହ, ଆଦିତ୍ୟ ପାଲ, ମେଘନା ସାହା, ସକ୍ଷମ ଅରେନ୍‌ଜା, ମାଧବ ଦୁମାଲା ଓ ଅଙ୍କୁର ଜୟସ୍ୱାଲ୍ ରହିଛନ୍ତି। ଟିମ୍‌ରେ ମେଣ୍ଟର ରହିଛନ୍ତି ଡ.ଜୟ ଚନ୍ଦ୍ର ମୁଖାର୍ଜୀ। ସେହିଭଳି ପ୍ରଜ୍ଜ୍ୱଳ ଟିମ୍‌ରେ ରାହୁଲ କୁମାର, ରାହୁଲ ମହାନୋତ, ଅଭାନୀ ପଟିଦାର, ମଣ୍ଡି ହର୍ଷ ରାଜେଶ, ମୁଥାଲୁରୁ ଚୈତନ୍ୟ ଶିବା କୁମାର ରେଡ୍ଡି ଓ ମୃଦୁଲ ଗୁପ୍ତା ରହିଛନ୍ତି। ମନୀଷ ଚାଟାର୍ଜୀ ଏହାର ମେଣ୍ଟର ରହିଛନ୍ତି। ଏହି ଦୁଇ ଟିମ୍ ବ୍ୟତୀତ ମଙ୍ଗଲି ଇଲେଭେନ୍ ୩୬୦ ଓ ସ୍କାଏ ୱାକର୍ସ ଟିମ୍ ମଧ୍ୟ ଫାଇନାଲ ରାଉଣ୍ଡକୁ ଯାଇଥିଲା। ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ଖୁସି ପ୍ରକଟ କରି ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ଡ. ଆର୍ ଭି ରାଜ କୁମାର କହିଛନ୍ତି, ଆମର ଛାତ୍ରଛାତ୍ରଙ୍କ ଏହି ସଫଳତା ପାଇଁ ଗର୍ବିତ। ଏହାର ଶ୍ରେୟ ସମସ୍ତ ଫ୍ୟାକଲ୍ଟି ମେମ୍ବରଙ୍କୁ ଯାଉଛି।